# Akashvani, Sambalpur

## SAMBALPURI NEWS EVENING BULLETIN
## 11 June 2025- 7.02 pm- 7.12 pm.
**********************************************

୧- ଶ୍ରୀକ୍ଷେତ୍ର ପୁରୀ ନ ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ହାତୀବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ ଚତୁର୍ଦ୍ଧାମୂର୍ତି ।

୨- ଭୁବ୍‌ନେଶ୍ୱର୍ ଠାନେ ରାଜ୍ୟସ୍ତରୀୟ ବିକାଶ୍ ମେଳାର୍ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ବିଜେପି ସର୍‌କାର୍‌ଙ୍କର୍ ବଛର୍‌ପୂର୍ତି ପାଲନ୍ ଅବ୍‌ସରେ ଆଏବା ୨୦ ତାରିଖ୍ ଓଡ଼ିଶା ଆସ୍‌ବେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୧୦ ଟା ଜିଲ୍ଲା ନ ହେଇପାରେ ଧୁକାଗର୍ଡ଼ି ସହେତେ ଜବର୍ ବର୍ଷା- ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ଦେବସ୍ନାନ ପୂର୍ଣ୍ଣିମା ଆର୍‌ଏନ୍‌ୟୁ

ସମ୍ବଲପୁର/ ସୋନ୍‌ପୁର୍/ ନୂଆପଡ଼ା/ ବୌଦ୍ଧ/ ଦେବ୍‌ଗଡ଼୍

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନବେଦୀ ନ ହାତୀ ବେଶ କରାଯାଇଛେ । ଇ ବେଶ ଦେଖିବାର୍ ଲାଗି ଭକ୍ତମାନ୍‌କର୍ ବହୁତ୍ ଭିଡ଼୍ ହେଇଛେ । ସାହାଣ ମେଳାଥି ଚତୁର୍ଦ୍ଧାମୂର୍ତ୍ତି ହାତୀବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ । ରାତି ସାଢ଼େ ୧୧ ବଜେନୁ ବାହୁଡ଼ା ପହଣ୍ଡି କରାଯିବା ।

ସ୍ନାନଯାତ୍ରାକେ ନେଇକରି ପୁରୀ ସମ୍ବାଦଦାତା ସୌମିତ୍ର ହରିଚନ୍ଦନ୍‌ଙ୍କର୍ ସୂଚନା....

(ଭଏସ୍ ଓଭର୍- ପୁରୀ ସମ୍ବାଦଦାତା)

ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ପୁରୀ ଯାଇକରି ମାହାପୁରୁମାନ୍‌କର୍ ଦର୍ଶନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ମଙ୍ଗଲ୍ ଆଲ୍‌ତୀ ନୀତି ଦର୍ଶନ୍ କର୍‌ବାର୍ ସହେତେ ରାଜ୍ୟବାସୀଙ୍କର୍ ମଙ୍ଗଲ୍ କାମନା କରିଛନ୍ ।

ରାଜ୍ୟର୍ ଭିନ୍ ଭିନ୍ ଜଗନ୍ନାଥ ମନ୍ଦିର୍ ମାନ୍‌କେ ରୀତିନୀତି ଅନ୍‌ସାରେ ଦେବସ୍ନାନ ପୂର୍ଣ୍ଣିମା ପାଲିତ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲାର୍ ପାତାଳି ଶ୍ରୀକ୍ଷେତ୍ର ନ ଚତୁର୍ଦ୍ଧମୂର୍ତ୍ତିଙ୍କର୍ ଦିବ୍ୟସ୍ନାନ ପର୍ବ ପାରମ୍ପାରିକ ରୀତିନୀତିଥି ହେଇଯାଇଛେ । ତ୍ରିକୂଟ ପାହାଡ଼ର ଛଳିଆ ଶିଖରର ମନ୍ଦିର୍ ଗମ୍ଭିରାନୁ ଧାଡ଼ି ପହଣ୍ଡିଥି ଦାରୁଦିଅଁମାନ୍‌କୁ ସ୍ନାନମଣ୍ଡପ୍‌କେ ଅନାଯାଇକରି ସ୍ନାନ

କରାଯାଇଥିଲା । ସେନ୍ତା ବୀରମହାରାଜପୁର୍, ତର୍ଭା, ବିନ୍କା ଆଉ ଡୁଙ୍ଗୁରିପାଲି ଜଗନ୍ନାଥ୍ ମନ୍ଦିର୍ ନ ଭିଲ୍ ଦେବସ୍ନାନ ପୂର୍ଣ୍ଣିମା ରୀତିନୀତି ଅନ୍ସାରେ ହେଇଯାଇଛେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଶ୍ରୀଜଗନ୍ନାଥ୍, ବଳଭଦ୍ର ଆଉ ଦେବୀ ସୁଭଦ୍ରାଙ୍କର୍ ସ୍ନାନ ଉତ୍ସବ୍ ପାଲିତ୍ ହେଇଯାଇଛେ । ଖଡ଼ିଆଲ୍ ନ ଦଧିବାମନ୍, ପତିତପାବନ୍ ଆଉ ବାମନ ରୂପେ ତିନ୍ହି ମାହାପୁରୁ ୩ ଟା ସ୍ୱତନ୍ତ୍ର ମନ୍ଦିର୍ଥି ପୂଜା ପାଉଛନ୍ । ଇତାର୍ଛଡ଼ା ତୁକ୍ଲା ଜଗନ୍ନାଥମନ୍ଦିର୍, ସିନାପାଲିର୍ ଜଗନ୍ନାଥ ମନ୍ଦିର୍, ବୋଡ଼େନ୍ ବ୍ଲକ୍ ଲର୍କା ଜଗନ୍ନାଥ୍ ମନ୍ଦିର୍ ନ ମହାପୁରୁମାନ୍କର୍ ସ୍ନାନନୀତି ହେଇଯାଇଛେ ।

ଦେବ୍ଗଡ଼୍ ଶ୍ରୀଜଗନ୍ନାଥ୍ ମନ୍ଦିର୍ ଠାନେ ରୀତିନୀତି ଅନ୍ସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନ ସିଂହାସନ୍ନୁ ସ୍ନାନମଣ୍ଡପ୍କେ ଅନାଯାଇକରି ପବିତ୍ର ଜଲ୍ଥି ସ୍ନାନ କରାଯାଇଥିଲା । ଜିଲ୍ଲାର୍ ଭିନ୍ ଭିନ୍ ଜଗନ୍ନାଥ୍ ମନ୍ଦିର୍ ମାନ୍କେ ଭିଲ୍ ଦେବସ୍ନାନ ପୂର୍ଣ୍ଣିମା ହେଇଯାଇଛେ ।

ବୌଦ୍ଧ ସହରର୍ ଶ୍ରୀଜଗନ୍ନାଥ ମନ୍ଦିର୍ ନ ଚୁତର୍ଦ୍ଧାମୂର୍ତ୍ତି ଗଜାନନ ବେଶଥି ଦର୍ଶନ୍ ଦେଉଛନ୍ । ତିନ୍ହି ମାହାପୁରୁଙ୍କୁ ସ୍ନାନ କରାବାର୍ ଲାଗି ବ୍ରାହ୍ମଣ୍ ସମାଜ୍ ତର୍ଫୁ ସେବକ୍ମାନେ ଗୁଟେ ଶୋଭାଯାତ୍ରାଥି ମହାନଦୀନୁ ଶହେ ୮ ଟା କଲସ୍ଥି ପାଏନ୍ ଆନିଥିଲେ । ସେନ୍ତା ଜିଲ୍ଲାର୍ ହର୍ଭଙ୍ଗା, ଚାରିଛକ୍,

ପୁରୁଣାକଟକ୍ ଆଉ ନାରାୟଣନଗର୍, ଇଲାକା ନ ଦେବସ୍ନାନ ପୂର୍ଣ୍ଣିମା ହେଇଯାଇଛେ ।

ରାଜ୍ୟସ୍ତରୀୟ ବିକାଶ୍ ମେଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାନେ ଆଏଜ୍ ଉପର୍‌ବେଲା ରାଜ୍ୟସ୍ତରୀୟ ବିକାଶ୍ ମେଳାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କରିଛନ୍ । ଆଏବା କାଏଲ୍ ରାଜ୍ୟ ବିଜେପି ସର୍‌କାର୍‌ଙ୍କର୍ କାର୍ଯ୍ୟକାଳର୍ ପହେଲା ବଛର୍ ପୂର୍ତି ପାଲନ୍ କରାଯିବାର୍‌କେ ଥିବାର୍ ବେଲେ ବଛ୍‌ରେ ଭିତ୍‌ରେ ରାଜ୍ୟର୍ ବିକାଶ୍ କ୍ଷେତ୍ରଥି ସର୍‌କାର୍ ନେଇଥିବା ଭିନ୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ତଥ୍ୟ ରଖିଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସମବାୟ ମନ୍ତ୍ରୀ ପ୍ରଦୀପ୍ ବଳସାମନ୍ତ, ଏକାମ୍ର ବିଧାୟକ୍ ବାବୁ ସିଂ ଆଉ ଅଲ୍‌ଗାମାନେ ଯୋଗ୍ ଦେଇଥିଲେ ।

ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ବିଜେପି ନେତୃତ୍ୱାଧୀନ୍ ରାଜ୍ୟ ସର୍‌କାର୍‌ଙ୍କର୍ ୧ ବଛର୍‌ପୂର୍ତି ପାଲନ୍ ଅବ୍‌ସରେ ଆଏବା ୨୦ ତାରିଖ୍ ହେବାର୍‌କେ

ଥିବାର୍ କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେବେ । ଭୁବ୍‌ନେଶ୍ୱର୍ ଜନତା ମଇଦାନ୍ ଠାନେ ଇ ଅବ୍‌ସରେ ଗୁଟେ ସମାବେଶ୍‌ର ଆୟୋଜନ୍ କରାଯାଇଛେ । ସମାବେଶ୍‌କେ ଶାନ୍ତିଶୃଙ୍ଖଲା ସହେତେ ସମାପନ୍ କର୍‌ବାର୍ ଲାଗି ୬୦ ଝନ୍ ପ୍ରଶାସନିକ୍ ଅଧିକାରୀମାନ୍‌କୁ ଦାୟିତ୍ୱ ଦିଆଯାଇଥିବାର୍ ଜନାପଡ଼ିଛେ ।

ଆଧାର୍ ପ୍ରମାଣିକ୍ ତହାଲ୍ ଟିକେଟ୍ ବୁକିଂ ଏନ୍‌ଏସ୍‌ଡି

ଜୁଲାଇ ୧ ତାରିଖ୍‌ନୁ ଉପଭୋକ୍ତାମାନେ ଆଇ ଆର୍ ସି ଟି ସି ୱେବ୍‌ସାଇଟ୍ ଆର୍ ଆପ୍ ଜରିଏ ତହାଲ୍ ଟିକେଟ୍ ବୁକିଂ କର୍‌ବାର୍ ଲାଗି ଆଧାର୍ ପ୍ରାମାଣିକ ଏକାଉଂଟ୍ ଦେବାର୍‌କେ ପଡ଼୍‌ବା ବଲି ରେଲ୍‌ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ । ଯାତ୍ରୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ଫଟିକ୍ ତହାଲ୍ ଟିକେଟ୍ ଯୁଗେଇ ଦେବାର୍ ଲକ୍ଷ୍ୟଥି ମନ୍ତ୍ରଣାଳୟ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଥିବାର୍ କୁହାଯାଇଛେ । ସେନ୍ତା ଜୁଲାଇ ୧୫ ତାରିଖ୍‌ନୁ ଅନ୍‌ଲାଇନ୍ ତହାଲ୍ ଟିକେଟ୍ ବୁକିଂ ଲାଗି ଆଧାର୍ ପ୍ରାମାଣିକ୍ ଓଟିପି ବ୍ୟବସ୍ଥା ଲାଗୁ କରାଯିବା ।

ସରକାରଙ୍କର ୧୧ ବଛର୍ ପୂର୍ତି ଏନ୍‌ଏସ୍‌ଡି

ସେବା, ସୁଶାସନ ଆଉ ଗରିବ କଲ୍ୟାଣ ନୀତି ଆଧାର୍ ଥି ଦେଶେ ଗଲା ୧୦ ବଛର୍ ଭିତ୍‌ରେ ଗୁର୍‌ଦୁଟେ ପରିବର୍ତ୍ତନ୍ ହେଇଛେ । ଆକାଶବାଣୀ ସମ୍ବାଦ ବିଭାଗ ଗଲା ୧୧ ବଛର୍ ଭିତ୍‌ରେ ଭିନ୍ ଭିନ୍ କ୍ଷେତ୍ରଥି ସକରାରଙ୍କର ପ୍ରୟାସ୍ ଉପ୍‌ରେ ଖାସ୍ ପ୍ରସ୍ତୁତି ଉପସ୍ଥାପନ୍ କରୁଛେ । ଆଏଜ୍ ଆସୁନ୍ ଶୁନ୍‌ମା ପରିବହନ୍ ଭିତିଭୂମି କ୍ଷେତ୍ରଥି ହେଇଥିବା ପରିବର୍ତ୍ତନ୍ ବାବଦ୍ ଗୁଟେ ରିପୋର୍ଟ ।

(ଭଏସ୍......)

*ଗଲା ୧୦ ବଛର୍ ଭିତ୍‌ରେ ଦେଶେ ସାମଗ୍ରିକ୍ ଆଉ ସମନ୍ୱିତ୍ ପଦ୍ଧତି ପରିଚାଲିତ୍ ଭିତିଭୂମି ବିକାଶର ପରିବର୍ତନ ଦେଖିବାର୍‌କେ ମିଲିଛେ । ରାଜପଥ ନିର୍ମାଣ କ୍ଷେତ୍ରଥି ଦିନ୍‌କ ହାରାହାରି ୩୪ କିଲୋମିଟର ପୁହୁଁଚିଛେ, ଯେନ୍‌ଟାକି ୨୦୧୪ ମସିହାଠାନୁ ପାଖାପାଖି ୩ ଗୁନା ଅଏତ୍‌କା । ଭାରତ୍‌ମାଲା ପରିଯୋଜ୍‌ନା ଅଧିନ୍‌ଥି ଅର୍ଥନୈତିକ କରିଡର୍‌ର ବିକାଶ ଆଉ ପରିବହନ୍ ଖର୍ଚ୍ଚା କମ୍ କର୍‌ବାର୍ ଲାଗି ଇ ସମିଆ ଭିତ୍‌ରେ ୨୦ ହଜାର କିଲୋମିଟର୍‌ନୁ ଅଏତ୍‌କା ରାଜପଥ ତିଆର୍ କରାଯାଇଛେ । ଗାଁ ମାନ୍‌କେ ରାସ୍ତା ଯୋଗାଯୋଗ ୯୯ ପ୍ରତିଶତ୍ ହେଇପାରିଛେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜ୍‌ନା ଅଧିନ୍‌ଥି ୨୦୧୪ ମସିହାନୁ ଏବ୍‌ତକ୍ ୭ ଲାଖ୍ ୮୦ ହଜାର କିଲୋମିଟରନୁ ଅଏତ୍‌କା ରାସ୍ତା ତିଆର କରାଯାଇଛେ ।*

ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ୍ ଏକୀକୃତ୍ ଭିତିଭୂମି ବିକାଶ ଲକ୍ଷ ନେଇକରି ୪୪ଟା ମନ୍ତ୍ରଣାଲୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌କେ ଡିଜିଟାଲ୍ ପ୍ଲାର୍ଟଫର୍ମ ଜରିଏ ଜୁଡ଼ା ଯାଇଛେ । ରେଲବାଇ କ୍ଷେତ୍ରଥି ଭିଲ୍ ଗୁର୍‌ଦୁଟେ ପ୍ରସାର ହେଇଛେ । ୪୫ ହଜାର କିଲୋମିଟରନୁ ଅଏତ୍‌କା ରେଲପଥର୍ ବିଦ୍ୟୁତକରଣ ହେଇଥିବା ବେଲ୍‌କେ ୬୮ଟା ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌୩ ଶହ ୩୩ ଜିଲ୍ଲାକେ ସଂଯୋଗ୍ କରୁଛେ । ଅମୃତ ଷ୍ଟେସନ୍ ଭାରତ୍ ଯୋଜ୍‌ନା ଅଧିନ୍‌ଥି ୧୩ ଶହନୁ ଅଏତ୍‌କା ରେଲ୍ ଷ୍ଟେସନ୍‌କେ ଆଧୁନିକକରଣ କରାଯାଇଛେ ।

ବିମାନ ଚଲାଚଲ ଦିଗେ 'ଉଡ଼େ ଦେଶ୍ କା ଆମ୍ ନାଗରିକ୍'- ଉଡ଼ାନ୍ ଯୋଜ୍‌ନାଥି ୮୮ଟା ଦେଶର୍ ବିମାନ ବନ୍ଦରକେ କାର୍ଯ୍ୟକ୍ଷମ କରାଯାଇଛେ । ଦେଶର୍ ୮୩ଟା ସହରକେ ମେଟ୍ରୋ ରେଲ୍ ସଂଯୋଗ୍ କରାଯିବାର୍ ସହେତେ ଭାରତ୍ ପୁର୍‌ଥିର ୩ ନମ୍ବର ବଡ଼ ମେଟ୍ରୋ ଟ୍ରେନ୍ ସଂଯୋଗ୍ ଦେଶ୍‌ର ମାଏନ୍‌ତା ପାଇପାରିଛେ । ସାଗରମାଲା କାର୍ଯ୍ୟକ୍ରମ ଅଧିନ୍‌ଥି ବନ୍ଦର ଆଉ ଆଭ୍ୟନ୍ତରୀଣ ଜଲ୍‌ପଥ ମାନ୍‌କେ ଗୁର୍‌ଦୁଟେ ପରିବର୍ତ୍ତନ ହେଇଛେ । ଗଲା ୧୦ ବଛର୍ ଭିତ୍‌ରେ ୧୭୭ଟା ବନ୍ଦର ସଂଯୋଗୀକରଣ ପ୍ରକଳ୍ପ ଶେଷ୍ ହେଇଛେ ।

ଷ୍ଟାଚ୍ୟୁ ଅଫ୍ ୟୁନିଟି, ଚେନାବ୍ ରେଲ୍ ସେତୁ ଆଉ ୧୦ ହଜାର ଫୁଟ୍ ଉପ୍‌ରେ ପୁର୍‌ଥିର୍ ସବୁନୁ ବଡ଼ ସୁଡୁଙ୍ଗ୍ ଭାବେ ଅଟଲ

*ସୁଡ୍ଢୁଙ୍ଗ କାମ୍ କରୁଛେ । ୨୦୪୭ ବିକଶିତ ଭାରତ ଗଠନ୍ ଦିଗେ ଇ ସବୁ ପଦକ୍ଷେପ୍ ଉଲ୍ଲେଖନୀୟ ପ୍ରମାଣିତ୍ ହେବା ।*

*ଆକାଶବାଣୀ ସମ୍ବାଦ ବିଭାଗ୍ ତରଫୁଁ ମୁଇ....*

ମୁଖ୍ୟମନ୍ତ୍ରୀ -ବଲାଙ୍ଗିର୍          ବଲାଙ୍ଗିର୍ ସମ୍ବାଦଦାତା

ଆଏବା ୧୭ ତାରିଖ୍ ବଲାଙ୍ଗିର ପଥରଚେପା ପଡ଼ିଆ ଠାନେ ରାଜ୍ୟସ୍ତରୀୟ କୃଷକ ଶକ୍ତି ସମାବେଶ୍ ହେବା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସହେତେ ଦୁହି ଉପମୁଖ୍ୟମନ୍ତ୍ରୀ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଚାଷୀମାନ୍‌କର୍ ଲାଗି ରହିଥିବା ସର୍‌କାର୍‌ଙ୍କର୍ ଭିନ୍ ପଦକ୍ଷେପ୍ ବାବ୍‌ଦେ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହେବେ । ସମାବେଶ୍‌ଥି ୧୦ ହଜାର୍ ଚାଷୀ ଯୋଗ୍ ଦେବେ ।

ପଂଚାୟତିରାଜ୍ ମନ୍ତ୍ରୀ-ବଲାଙ୍ଗିର୍ ଗସ୍ତ          ବଲାଙ୍ଗିର୍

ସର୍‌କାର୍‌ଙ୍କର୍ ୧ ବଛର୍ ପୂର୍ତିକେ ନେଇକରି ବଲାଙ୍ଗିର୍ ପଥର୍‌ଚେପା ବିଜେପି କାର୍ଯ୍ୟାଲୟ ଠାନେ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସାମ୍ବାଦିକ୍ ସମ୍ମିଳନୀ ଜରିଏ ରାଜ୍ୟ ସର୍‌କାର୍‌ଙ୍କର୍ ୧ ବର୍ଷର୍ ଉପଲବ୍ଧି ବାବ୍‌ଦେ

ଜନେଇଛନ୍ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, କଂଟାବାଞ୍ଜି ବିଧାୟକ୍ ଲକ୍ଷ୍ମଣ ବାଗ୍ ଉପସ୍ଥିତ୍ ରହିକରି ସର୍‌କାର୍‌ଙ୍କର୍ ଜନକଲ୍ୟାଣ୍‌କାରୀ ଯୋଜ୍‌ନା ଆଉ ଦୃଢ଼ ପଦକ୍ଷେପ୍ ବାବ୍‌ଦେ କହିଥିଲେ ।

ପଂଚାୟତିରାଜ୍ ମନ୍ତ୍ରୀ- ସୁବର୍ଣ୍ଣପୁର୍   ସୁବର୍ଣ୍ଣପୁର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍‌ଙ୍କର୍ ଗୁଟେ ବଛର୍ ପୂର୍ତ୍ତି ଅବ୍‌ସରେ 'ବର୍ଷ ଏକ୍ ଉପଲବ୍ଧି ଅନେକ' କେ ନେଇକରି ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ସୁବର୍ଣ୍ଣପୁର୍ ଜିଲ୍ଲା ନ ଗୁଟେ ସାମ୍ବାଦିକ୍ ସମ୍ମିଲନୀକେ ସମ୍ବୋଧିତ୍ କରିଛନ୍ । ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ଜିଲ୍ଲା ନ ହେବାର୍‌କେ ଥିବା ବିକାଶ୍ ମେଳାଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ୧୧ ବଛର୍‌ର ବିକାଶ୍‌ର ଉପଲବ୍ଧି ଆଉ ଅପରେସନ୍ ସିନ୍ଦୁର୍ ବାବ୍‌ଦେ ମନ୍ତ୍ରୀ ଶ୍ରୀ ନାଏକ୍ ଆଲୋଚନା କରିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ -କଲାହାଣ୍ଡି       କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ସର୍କିଟ୍ ହାଉସ୍ ଠାନେ ସେବା, ସୁଶାସନ୍ ଆଉ ଗରିବ୍ କଲ୍ୟାଣ୍‌ଥି କେନ୍ଦ୍ର ସର୍‌କାର୍‌ଙ୍କର୍ ୧୧ ବଛର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍

ଗୁଟେ ବଛର୍ ପୂର୍ତି ଅବ୍‌ସରେ ସର୍‌କାର୍‌ଙ୍କର୍ ଉପଲବ୍ଧିକେ ନେଇକରି ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇଥିଲେ । ଓଡ଼ିଶା ନ ଡବଲ୍ ଇଞ୍ଜିନ୍ ସର୍‌କାର୍ ଦେଇଥିବା ସଂକଳ୍ପର୍‌ର ୨୧ ଟା ଭିତ୍‌ରୁ ୧୧ ଟା ପୁରା ହେଇଛେ ।

ଶିଶୁ ସୁରକ୍ଷା - ସମ୍ମିଳନୀ      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଉପଜିଲ୍ଲାପାଳ୍ ସୁଧାଂଶୁ କୁମାର୍ ଭୋଇଙ୍କର୍ ଅଧ୍ୟକ୍ଷତାଥି ଶିଶୁ ସୁରକ୍ଷା ଉପ୍‌ରେ ଗୁଟେ ସମ୍ମିଳନୀ ହେଇଯାଇଛେ । ମିଶନ୍ ବାତ୍ସଲ୍ୟ ଯୋଜ୍‌ନାଥି ଜିଲ୍ଲାର୍ ଅସହାୟ ଶିଶୁମାନ୍‌କୁ ଜୁଡ଼୍‌ବାର୍ ଲକ୍ଷ୍ୟଥି ଏଡ୍ ଏଟ୍ ଏକ୍ସନ୍ ଆର୍ ୟୁନିସେଫ୍ ତର୍‌ଫୁ ଇ ସମ୍ମିଳନୀ ଆୟୋଜନ୍ କରାଯାଇଛେ । ଜିଲ୍ଲା ସମାଜ୍ ମଙ୍ଗଳ ବିଭାଗ୍ ଆଉ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ଥିବା ଅସହାୟ ଶିଶୁ ଆଉ ସେମାନ୍‌କର୍ ଲାଗି ଥିବା ଭିନ୍ ଭିନ୍ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ଆଲୋଚନା କରିଥିଲେ ।

ଧର୍‌ତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ୍      ଦେବ୍‌ଗଡ଼୍

ଦେବ୍‌ଗଡ୍‌ ଜିଲ୍ଲାପାଲ୍‌ଙ୍କର୍‌ ସମ୍ମିଲନୀ କକ୍ଷ ଠାନେ ଜିଲ୍ଲାପାଲ୍‌ କବୀନ୍ଦ୍ର କୁମାର୍‌ ସାହୁଙ୍କର୍‌ ଅଧ୍ୟକ୍ଷତାଥି ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ୍‌ କାର୍ଯ୍ୟକ୍ରମ୍‌ ହେଇଯାଇଛେ । ବୈଠକ୍‌ଥି ଅଭିଯାନ୍‌ ଜରିଏ ଜନଜାତି ସମ୍ପ୍ରଦାୟର୍‌ ସାମାଜିକ୍‌, ଅର୍ଥନୈତିକ୍‌ ସ୍ଥିତିକେ ପରିବର୍ତନ୍‌ କର୍‌ବାର୍‌ ଲାଗି କେନ୍ଦ୍ର ସର୍‌କାର୍‌ଙ୍କର୍‌ ତର୍‌ଫୁ ଦିଆଯାଉଥିବା ଭିନ୍‌ ଭିନ୍‌ ସାହାଜ୍‌ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ଗୃହ ଆଉ ନଗର୍‌ ଉନ୍ନୟନ୍‌ ମନ୍ତ୍ରୀ-ବୌଦ୍ଧ ବୌଦ୍ଧ

ସମ୍ବାଦଦାତା

ଗୃହ ଆଉ ନଗର୍‌ ଉନ୍ନୟନ୍‌ ମନ୍ତ୍ରୀ ଡକ୍ଟର୍‌ କୃଷ୍ଣଚନ୍ଦ୍ର ମହାପାତ୍ର ଆଏଜ୍‌ ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍‌ କାର୍ଯ୍ୟାଳୟ ଠାନେ ଜିଲ୍ଲା ନ ଚାଲିଥିବା ନିଜର୍‌ ବିଭାଗ୍‌ର ଭିନ୍‌ ଭିନ୍‌ ପ୍ରକଳ୍ପର୍‌ ସମୀକ୍ଷା କରିଛନ୍‌ । ପିଇବାର୍‌ ପାନିର୍‌ , ପରିମଳ ବାଗିର୍‌ ପ୍ରକଳ୍ପ ମାନ୍‌କର୍‌ ସମୀକ୍ଷା କରିକରି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍‌ ଜନକଲ୍ୟାଣ୍‌କାରୀ ଯୋଜ୍‌ନାମାନ୍‌କୁ ତଲ୍‌ସ୍ତର୍‌ତକ୍‌ ଠିକ୍‌ ଭାବେ ପୁହୁଁଚାବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ ଦେଇଛନ୍‌ । ଇ ଅବ୍‌ସରେ ବୌଦ୍ଧ ବିଧାୟକ୍‌ ସରୋଜ୍‌ କୁମାର୍‌ ପ୍ରଧାନ୍‌, କନ୍ଧମାଲ୍‌ ସାଂସଦ୍‌ ସୁକାନ୍ତ ପାଣିଗ୍ରାହୀ, କଂଟାମାଲ୍‌ ବିଧାୟକ୍‌ କହ୍ନାଇ ଚରଣ୍‌ ଡାଙ୍ଗ ଉପସ୍ଥିତ୍‌ ଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଦକ୍ଷିଣ ପୂର୍ବ ଆଉ ତାର୍ ପାଖର୍ ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ହେଇଥିବା ଘୂର୍ଣ୍ଣିବଳୟ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ କେନ୍ଦ୍ରୀତ ହେଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେଇପାରେ । ଇ ସମିଆଥି ଧୁକାଗର୍ଡ଼ି ସହେତେ ଜବର୍ ବର୍ଷାକେ ନେଇକରି ସୁନ୍ଦର୍‌ଗଡ଼୍, କଲାହାଣ୍ଡି ସହେତେ ୧୦ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।